# REGIONAL NEWS UNIT, AIR CUTTACK

## Mid-day Bulletin (4.00PM)

**13 January – 2025**

**News Editor : Tapan Kumar Maharana**

********************************

## <u>ମୁଖ୍ୟ ସମ୍ବାଦ</u>

- ରାଜ୍ୟରେ ଆୟୁଷ୍ମାନ ଭାରତ- ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନା ଲାଗୁ ନେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମଧ୍ୟରେ ଆଜି ସ୍ୱାକ୍ଷରିତ ହେଉଛି ବୁଝାମଣାପତ୍ର

- ଚଳିତ ଖରିଫ ଋତୁରେ ରାଜ୍ୟରେ ଏ ପର୍ଯ୍ୟନ୍ତ ୨୬ ଲକ୍ଷ ୨୮ ହଜାର ୨୨୮ ମେଟ୍ରିକ ଟନ୍ ଧାନ କ୍ରୟ ସୂଚନା

- ବିଶ୍ୱ ପ୍ରସିଦ୍ଧ ସର୍ବବୃହତ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା ଆଜି ହେବ ଉଦ୍‌ଯାପିତ

ଏବଂ

- ହକି ଇଣ୍ଡିଆ ଲିଗ୍‌ରେ ମହିଳା ବର୍ଗରେ ଆଜି ବେଙ୍ଗଲ ଟାଇଗର୍ସ ଏବଂ ସୁର୍‌ମା ହକି କ୍ଲବ ମଧ୍ୟରେ ହେବ ମୁକାବିଲା

*HS*

## ଆୟୁଷ୍ମାନ ଭାରତ- ଏମ୍ଓୟୁ

ରାଜ୍ୟରେ ସମସ୍ତଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ତଥା ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ସୁଦୃଢ଼ କରିବା ଲକ୍ଷ୍ୟରେ ଆୟୁଷ୍ମାନ ଭାରତ- ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନା ଲାଗୁ କରାଯିବ। ଆଜି ନୂଆଦିଲ୍ଲୀରେ ରାଜ୍ୟ ସରକାର ଏବଂ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହେବ ବୋଲି ଜଣାପଡ଼ିଛି। ନୂଆଦିଲ୍ଲୀର ବିଜ୍ଞାନ ଭବନରେ ହେବାକୁ ଥିବା କାର୍ଯ୍ୟକ୍ରମରେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି.ନଡ୍ଡା, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ଉପସ୍ଥିତ ରହିବେ। କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଜୁଏଲ ଓରାମ ଯୋଗଦେବେ ବୋଲି ସୂଚନା ମିଳିଛି।

*Soenpur/HS*

## ମୁଖ୍ୟମନ୍ତ୍ରୀ ଶୁଭେଚ୍ଛା ବାର୍ତ୍ତା

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୁଷ୍ ପୁନିର ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ମୁଖ୍ୟମନ୍ତ୍ରୀ ପଶ୍ଚିମ ଓଡ଼ିଶାର ପ୍ରସିଦ୍ଧ ପର୍ବ ପୁଷ୍ ପୁନି ଅବସରରେ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇ କହିଛନ୍ତି, ନୂଆଁଖାଇ ପରେ ପୁଷ୍ ପୁନିକୁ ପଶ୍ଚିମ ଓଡିଶାର ଦ୍ୱିତୀୟ ଗଣପର୍ବ ଭାବେ ପାଳନ କରାଯାଇଥାଏ।

ଏହି କୃଷିଭିତ୍ତିକ ପର୍ବରେ ଘରେ ଘରେ ପିଠାପଣା ସହ ନାଚ, ଗୀତ ଓ ଖେଳର ଆସର ଜମିଥାଏ। ପୁଷ୍ ପୁନି ପର୍ବ ଆମ କର୍ମମୟ ଜୀବନକୁ ଆହୁରି ଚଳଚଞ୍ଚଳ କରିଥାଏ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ପୁଷ୍ ପୁନି ପର୍ବ ସୁବର୍ଣ୍ଣପୁର ଜିଲ୍ଲାରେ ଆନନ୍ଦ ଉଲ୍ଲାସର ସହ ପାଳିତ ହେଉଛି। ବିଭିନ୍ନ ଗ୍ରାମରେ ଲୋକ କଳାକାର ଓ ଶିଶୁଙ୍କ ଦ୍ୱାରା ପାରମ୍ପରିକ ଛେରଛେରା ମଗା ଦୃଶ୍ୟ ଅନୁଷ୍ଠିତ ହେଉଥିବା ବେଳେ ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ପୁଷ୍ ପୁନି ଭେଟଘାଟ ଓ ନୃତ୍ୟଗୀତ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି।

***HS***

## ଧାନ କ୍ରୟ- ସରକାର

ଚଳିତ ଖରିଫ ଋତୁରେ ରାଜ୍ୟ ସରକାର ଏ ପର୍ଯ୍ୟନ୍ତ ୨୬ ଲକ୍ଷ ୨୮ ହଜାର ୨୨୮ ମେଟ୍ରିକ ଟନ ଧାନ କ୍ରୟ କରିଛନ୍ତି। ବିଭିନ୍ନ ମଣ୍ଡିରେ ଧାନ ବିକ୍ରି କରିଥିବା ୪ ଲକ୍ଷ ୯୯ ହଜାର ୭୭୮ ଜଣ ଚାଷୀଙ୍କୁ ସେମାନଙ୍କର ଧାନର ମୂଲ୍ୟ ପ୍ରଦାନ କରାଯାଇଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ୧ ହଜାର ୯୦୪ କୋଟି ଟଙ୍କାର ଇନପୁଟ ସବସିଡି ଅର୍ଥ ସହ ମୋଟ ୭ ହଜାର ୩୭୯ କୋଟି ଟଙ୍କା ଚାଷୀଙ୍କ ଆକାଉଣ୍ଟକୁ ଯାଇଥିବା ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି।

ଅନ୍ୟପକ୍ଷରେ, ଦାୟିତ୍ୱରେ ଅବହେଳା ପାଇଁ ଜଗତସିଂହପୁର ପାରାଦ୍ୱୀପ ଏମ.ଆଇଙ୍କୁ ନିଲମ୍ବନ କରାଯିବା ପରେ, ଯେଉଁଠି ଅଧିକାରୀଙ୍କ

ବିରୋଧରେ ଅଭିଯୋଗ ଆସିବ କାର୍ଯ୍ୟାନୁଷ୍ଠାନ ହେବ ବୋଲି ମନ୍ତ୍ରୀ କହିଛନ୍ତି ।

***Puri***

## ସାଧାରଣ ଦିବସ ନିମନ୍ତ୍ରଣ

ଚଳିତ ଜାନୁଆରୀ ମାସ ୨୬ ତାରିଖରେ ନୂଆଦିଲ୍ଲୀରେ ଅନୁଷ୍ଠିତ ହେବାକୁ ଥିବା ସାଧାରଣତନ୍ତ୍ର ଦିବସ ସମାରୋହରେ ଯୋଗଦେବା ପାଇଁ ପୁରୀ ଜିଲ୍ଲା ଗୋପ ବ୍ଲକ ଗଣେଶପୁର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ସୁବର୍ଣ୍ଣପୁରର ଜ୍ଞାନସ୍ୱରୂପ ସାହୁଙ୍କୁ ନିମନ୍ତ୍ରଣ ମିଳିଛି । ରାଷ୍ଟ୍ରପତି ଭବନରୁ ମିଳିଥିବା ଏହି ନିମନ୍ତ୍ରଣ ପାଇଁ ସେ ଖୁସିବ୍ୟକ୍ତ କରିଛନ୍ତି । ସେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି...

**- V/O –**

***Desk***

## ହୀରାକୁଦ ବାର୍ଥ ଡେ’

ହୀରାକୁଦ ନଦୀବନ୍ଧର ସ୍ଥାପନାକୁ ୬୮ ବର୍ଷ ପୂରଣ ହୋଇଛି । ଏହି ବନ୍ଧର ଅଣସ୍ତରୀ ତମ ସ୍ଥାପନା ଦିବସ ଅବସରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୁଭେଚ୍ଛା ଜଣାଇଛନ୍ତି । ସେ କହିଛନ୍ତି, ୧୯୫୭ ମସିହାରେ ସମର୍ପିତ ହୀରାକୁଦ ନଦୀବନ୍ଧ ଓଡ଼ିଶାର ଅନନ୍ୟ ଉତ୍କର୍ଷତାର ସ୍ଥାପତ୍ୟ । ରାଜ୍ୟର ସାମଗ୍ରୀକ ଅଭିବୃଦ୍ଧି, ସମୃଦ୍ଧି, ସ୍ଥାୟିତ୍ୱ ଓ ବିକାଶର ପ୍ରତୀକ ଭାବରେ ହୀରାକୁଦ ନଦୀବନ୍ଧ, ବନ୍ୟା ନିୟନ୍ତ୍ରଣ, କୃଷି, ଜଳସେଚନ,

ଖାଦ୍ୟ ସୁରକ୍ଷା ଏବଂ ବିଦ୍ୟୁତ ଉତ୍ପାଦନ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି।

ସୂଚନାଯୋଗ୍ୟ, ଏମ୍.ବିଶ୍ୱେସରାୟଙ୍କ ପ୍ରସ୍ତାବକ୍ରମେ ୧୯୪୬ ମସିହା ମାର୍ଚ୍ଚ ୧୫ ତାରିଖରେ ହୀରାକୁଦ ନଦୀବନ୍ଧର ଶିଳାନ୍ୟାସ କରାଯାଇଥିଲା। ସ୍ୱାଧୀନ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହରୁ ୧୯୫୭ ମସିହା ଜାନୁଆରୀ ୧୩ ତାରିଖରେ ଦେଶର ଏହି ଦୀର୍ଘତମ ଡ୍ୟାମର ଲୋକାର୍ପଣ କରିଥିଲେ। ୨୫ ଦଶମିକ ୮ କିଲୋମିଟର ଦୀର୍ଘ ଓ ୨୦୦ ଫୁଟ ଉଚ୍ଚ ହୀରାକୁଦ ଡ୍ୟାମରେ ୬୪ଟି ସ୍ଲୁଇସ୍ ଗେଟ୍ ଓ ୩୪ଟି କ୍ରେଷ୍ଟ ଗେଟ୍ ରହିଛି।

***HS***

# ଫକୀର ମୋହନ ସେନାପତି ଜୟନ୍ତୀ

ବ୍ୟାସକବି ଫକୀର ମୋହନ ସେନାପତିଙ୍କ ଜୟନ୍ତୀ ଅବସରରେ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ସାମାଜିକ ଗଣମାଧ୍ୟମ ପୋଷ୍ଟରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ବ୍ୟାସକବି ଫକୀର ମୋହନ ସେନାପତି ଆଧୁନିକ ଓଡ଼ିଆ ଭାଷା ସାହିତ୍ୟର ଜନକ ଥିଲେ।

୧୮୪୩ ମସିହା ଜାନୁଆରୀ ୧୩ ତାରିଖରେ ଜନ୍ମଗ୍ରହଣ କରିଥିବା ଫକୀର ମୋହନ ସେନାପତି ଏକଧାରାରେ ଗାଳ୍ପିକ, ଲେଖକ, କବି ଓ ସମାଜ ସଂସ୍କାରକ ଥିଲେ। ଓଡ଼ିଆ ସାହିତ୍ୟର କଥା ସମ୍ରାଟଭାବେ ପରିଚିତ ସ୍ୱର୍ଗତଃ ଫକୀର ମୋହନ ସେନାପତିଙ୍କ ରଚିତ ରେବତୀ, ଡାକମୁନିସି,

ଧୂଳିଆ ବାବା, ପେଟେଣ୍ଟ ମେଡିସିନ୍ ଭଳି କ୍ଷୁଦ୍ର ଗଳ୍ପ ଏବଂ 'ଛଅ ମାଣ ଆଠଗୁଣ୍ଠ' ଉପନ୍ୟାସ ଓଡ଼ିଆ ସାହିତ୍ୟର ଅନନ୍ୟକୃତି ।

***Baragada***

## ବରଗଡ଼ ଧନୁଯାତ୍ରା

ବିଶ୍ୱ ପ୍ରସିଦ୍ଧ ସର୍ବବୃହତ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା ଆଜି ଉଦ୍ଯାପିତ ହେବ । ସୂଚନା ଅନୁଯାୟୀ, ଆଜି କୃଷ୍ଣ, ବଳରାମଙ୍କ ମଥୁରା ଭ୍ରମଣ, କୁବଳୟା ଓ ଅଷ୍ଟମଲ୍ଲ ବଧ, ଶିବଧନୁ ଭଙ୍ଗ, କଂସ ବଧ ଓ ଉଗ୍ରସେନଙ୍କ ରାଜ୍ୟାଭିଷେକ ଅଭିନୀତ ହେବ ।

ଗତକାଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି କାର୍ଯ୍ୟକ୍ରମରେ ରାଜ ଅତିଥିଭାବେ ଯୋଗଦେଇ ଧନୁଯାତ୍ରା ଆମ ମାଟିର ମହକ ଓ ଇତିହାସର ମୁଖଶାଳା ବୋଲି କହିଥିଲେ । ଅନ୍ୟପକ୍ଷରେ ଆଗାମୀ ଏକ ବର୍ଷ ମଧ୍ୟରେ ୧୨ କୋଟି ୮୦ ଲକ୍ଷ ଟଙ୍କା ବ୍ୟୟରେ ଧନୁଯାତ୍ରାର ସ୍ଥାୟୀ ରାଜମହଲ ନିର୍ମାଣ ପାଇଁ ଡି.ପି.ଆର୍ ପ୍ରସ୍ତୁତ ହୋଇଥିବା କହିଥିଲେ । ଆସନ୍ତୁ ଶୁଣିବା ଆମ ବରଗଡ଼ ସମ୍ବାଦଦାତା ଉମେଶ ଚନ୍ଦ୍ର ବିଶ୍ୱାଳଙ୍କ ରିପୋର୍ଟ...

**- V/O –**

***HS***

## ପଶ୍ଚିମାଞ୍ଚଳ ଧନୁଯାତ୍ରା

ବରଗଡ଼ର ବିଶ୍ୱପ୍ରସିଦ୍ଧ ଧନୁଯାତ୍ରା ସମେତ ପଶ୍ଚିମାଞ୍ଚଳର ବିଭିନ୍ନ ସ୍ଥାନରେ ହେଉଥିବା ଧନୁଯାତ୍ରାକୁ ବିଶ୍ୱ ଦରବାରରେ ପହଁଞ୍ଚାଇବାକୁ

ଆଗାମୀ ଦିନରେ ପ୍ରାମାଣିକ ଚଳଚ୍ଚିତ୍ର ନିର୍ମାଣ କରାଯିବ। ବଲାଙ୍ଗୀର ନିକଟସ୍ଥ ଭାଲେର'ର ୧୦୫ତମ ଧନୁଯାତ୍ରାରେ ଅତିଥିଭାବେ ଯୋଗଦେଇ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଏହା କହିଛନ୍ତି। ଏଥିରେ ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ, ବିଧାୟକ ସନାତନ ବିଜୁଳି ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ମନ୍ତ୍ରୀ ଶ୍ରୀ ସୁରଜ ୧୦୫ ବର୍ଷ ଧରି ଧନୁଯାତ୍ରା ଭଳି ସଂସ୍କୃତି ଓ ପରମ୍ପରାକୁ ବଞ୍ଚାଇ ରଖିବା ପ୍ରଶଂସନୀୟ ବୋଲି କହିଥିଲେ।

***Desk***

## ରାମଚନ୍ଦ୍ର ମର୍ଦ୍ଦରାଜ ଦେଓ ଜୟନ୍ତୀ

ରାଜା ବାହାଦୂର ରାମଚନ୍ଦ୍ର ମର୍ଦ୍ଦରାଜ ଦେଓଙ୍କ ଜୟନ୍ତୀ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିନମ୍ର ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଛନ୍ତି। କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ତାଙ୍କ ସ୍ମୃତିଚାରଣ କରି କହିଛନ୍ତି, ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ଅନ୍ୟତମ ପୁରୋଧା ଥିଲେ ରାଜା ବାହାଦୂର ରାମଚନ୍ଦ୍ର ମର୍ଦ୍ଦରାଜ ଦେଓ।

ଏହି ଅବସରରେ ଆଜି ସକାଳେ ଭୁବନେଶ୍ୱରସ୍ଥିତ ଏ.ଜି.ଛକରେ ଥିବା ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ଦେଓଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ବ୍ୟକ୍ତିମାନେ ମାଲ୍ୟାର୍ପଣ କରିଥିଲେ। ଆଜି ଅପରାହ୍ନରେ ଭୁବନେଶ୍ୱର ଜୟଦେବ ଭବନରେ ପୂଜ୍ୟପୂଜା ସାହିତ୍ୟ ସଂସଦ ପକ୍ଷରୁ ସ୍ୱର୍ଗତଃ ଦେଓଙ୍କ ଜୀବନୀ ଓ ଅବଦାନ ସମ୍ପର୍କରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ସେହିପରି ଆଜି ସନ୍ଧ୍ୟାରେ ଜୟଦେବ ଭବନଠାରେ ଏକ

ସାଧାରଣ ସଭାରେ ଆନ୍ଧ୍ରପ୍ରଦେଶ ଓ ଛତିଶଗଡ଼ର ପୂର୍ବତନ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ମୁଖ୍ୟ ଅତିଥିଭାବେ ଯୋଗଦେବେ। ଏଥିରେ ବାଣିଜ୍ୟ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଏବଂ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ସମ୍ମାନନୀୟ ଅତିଥି ଭାବରେ ଯୋଗଦେବେ ବୋଲି ଜଣାପଡ଼ିଛି।

***BHK***

## ଇକେଓ୍ୱାଇସି

ଭଦ୍ରକ ଜିଲ୍ଲାରେ ଖାଦ୍ୟ ସୁରକ୍ଷା ଯୋଜନାରେ ସ୍ୱଚ୍ଛତା ଆଣିବା ନିମନ୍ତେ ଜିଲ୍ଲା ଯୋଗାଣ ବିଭାଗ ପକ୍ଷରୁ ଇ-କେଓ୍ୱାଇସି ଉପରେ ଗୁରୁତ୍ୱ ଦିଆଯାଉଛି। ଜିଲ୍ଲାର ଚାରିଟି ପୌରାଞ୍ଚଳ ଏବଂ ୭ଟି ବ୍ଲକରେ ଥିବା ହିତାଧିକାରୀମାନଙ୍କ ଇ-କେଓ୍ୱାଇସି ଶୀଘ୍ର ଶେଷ କରିବାକୁ କୁହାଯାଇଛି। ଅନ୍ୟପକ୍ଷରେ କେତେକ କ୍ଷେତ୍ରରେ ଶ୍ରମିକ ଓ ବୃଦ୍ଧବୃଦ୍ଧାଙ୍କ ଆଖି ଓ ଟିପ ଚିହ୍ନ ସ୍କାନିଂରେ ତ୍ରୁଟି ରହୁଥିବାରୁ ଅନ୍ୟ ବିକଳ୍ପ ପାଇଁ ଜିଲ୍ଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଛି।

***HS***

## ମହେନ୍ଦ୍ର ମୃତ

ଶିମିଳିପାଳ ଅଭୟାରଣ୍ୟର ଚହଲାଠାରେ କୁମକି ହାତୀ ମହେନ୍ଦ୍ରର ଗତ ରାତିରେ ମୃତ୍ୟୁ ହୋଇଛି। ଶିମିଳିପାଳ କର୍ତ୍ତୃପକ୍ଷଙ୍କ ସୂଚନା ଅନୁଯାୟୀ, ଗତ କିଛିଦିନ ହେବ ମହେନ୍ଦ୍ର ଅସୁସ୍ଥ ଥିଲା ଓ ତା'ର ଚିକିତ୍ସା କରାଯାଉଥିଲା। ଦୀର୍ଘଦିନ ଧରି ଶିମିଳିପାଳରେ କାଠ ମାଫିଆ ଓ

ଶିକାରୀମାନଙ୍କୁ ଧରିବାରେ ପୋଷା ହାତୀ ମହେନ୍ଦ୍ର ବନବିଭାଗକୁ ସହାୟତା କରୁଥିଲା । ଦୁଇ ବର୍ଷ ପୂର୍ବେ ତାକୁ ଅନୁଗୋଳ ସାତକୋଶିଆ ଅଭୟାରଣ୍ୟକୁ ନିଆଯାଇଥିଲା। କିଛି ମାସ ପୂର୍ବରୁ ଶିମିଳିପାଳକୁ ଫେରିବା ପରେ ଦେହ ଅସୁସ୍ଥ ହେବାରୁ ମହେନ୍ଦ୍ରର ଚିକିତ୍ସା ଜାରି ରହିଥିଲା । ମହେନ୍ଦ୍ରର ଆନୁମାନିକ ବୟସ ୬୫ ବର୍ଷରୁ ଅଧିକ ହେବ । ମହେନ୍ଦ୍ର ମୃତ୍ୟୁ ନେଇ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆ ଦୁଃଖପ୍ରକାଶ କରିଛନ୍ତି।

***Desk***

# ହକି ଇଣ୍ଡିଆ ଲିଗ୍

ହକି ଇଣ୍ଡିଆ ଲିଗ୍‌ରେ ଆଜି ମହିଳା ବର୍ଗରେ ରାଞ୍ଚିର ଜୟପାଲ ସିଂ ଷ୍ଟାଡିୟମ୍‌ରେ ସାର୍ଚି ରାର୍ ବେଙ୍ଗଲ ଟାଇଗର୍ସ ଓ ସୁର୍ମା ହକି କ୍ଲବ ମଧ୍ୟରେ ସନ୍ଧ୍ୟା ୬ଟାରେ ମ୍ୟାଚ୍ ଅନୁଷ୍ଠିତ ହେବ। ସେହିପରି ରାଉରକେଲା ବିର୍ସାମୁଣ୍ଡା ଷ୍ଟାଡିୟମ୍‌ରେ ରାତି ୮ଟା ୧୫ ମିନିଟ୍‌ରେ ତାମିଲନାଡୁ ଡ୍ରାଗନ୍ସ ଓ ଦିଲ୍ଲୀ ଏସ୍.ଜି. ପାଇପର୍ସ ମଧ୍ୟରେ ମୁକାବିଲା ହେବ।

ଗତକାଲି ମହିଳା ବର୍ଗରେ ଓଡ଼ିଶା ୱାରିୟର୍ସ ୪-୦ ଗୋଲ୍‌ରେ ଦିଲ୍ଲୀ ପାଇପର୍ସଙ୍କୁ ପରାସ୍ତ କରିଥିବା ବେଳେ ପୁରୁଷ ବର୍ଗରେ ହାଇଦ୍ରାବାଦ୍ ତୁଫାନ୍ସ ୫-୧ ଗୋଲ୍‌ରେ କଳିଙ୍ଗ ଲାନସର୍ସଙ୍କୁ ପରାସ୍ତ କରିଥିଲା। ମହିଳା

ବର୍ଗରେ ଓଡ଼ିଶା ୱାରିୟର୍ସ ୩ ପଏଣ୍ଟ ସହ ତାଲିକାର ଶୀର୍ଷରେ ଥିବାବେଳେ ପୁରୁଷ ବର୍ଗରେ ୧୨ ପଏଣ୍ଟ ସହ ତାମିଲନାଡୁ ଡ୍ରାଗନ୍ସ ଶୀର୍ଷରେ ରହିଛି ।

********************************